

# ମାଇକ୍ରୋଫାଇନାନ୍ସ ପଲସ୍

ସଂଖ୍ୟା ୧୧ - ଜାନୁୟାରୀ ୨୦୨୨

## ବିଶ୍ଳେଷଣାତ୍ମକ ଯୋଗାଯୋଗ :

### ଇକ୍ୟୁଫ୍ୟାକ୍ସ


କିରଣ ସମୁଦ୍ରାଲା
ଉପସଭାପତି – ବିଶ୍ଳେଷକ
kiran.samudrala@equifax.com

ଶ୍ରୁତି ଯୋଶୀ
ସହ ଉପସଭାପତି – ବିଶ୍ଳେଷକ
shruti.joshi@equifax.com

ବନ୍ଦନା ପାଞ୍ଚାଲ
ବରିଷ୍ଠ ପରିଚାଳକ – ବିଶ୍ଳେଷକ
vandana.panchal@equifax.com


### ସିଡ଼ବି


ଚନ୍ଦ୍ର ଶେଖର ତାନ୍ଭି
ମୁଖ୍ୟ ମହାପ୍ରବନ୍ଧକ - ଏମପିଆଇଭି– ଇଆରଡ଼ିଏଭି
erdav@sidbi.in

ରଙ୍ଗଦାସ ପ୍ରଭାବତୀ
ଉପ ମହାପ୍ରବନ୍ଧକ - ଏମପିଆଇଭି–ଇଆରଡ଼ିଏଭି
erdav@sidbi.in

ରମେଶ କୁମାର
ସହାୟକ ପ୍ରବନ୍ଧକ - ଏମପିଆଇଭି – ଇଆରଡ଼ିଏଭି
rameshk@sidbi.in

# ସୂଚୀପତ୍ର


ପ୍ରମୁଖ ସାରାଂଶ ୦୪

ସଂକ୍ଷେପକ ଏବଂ ଶବ୍ଦକୋଷ ୦୫

ମାଇକ୍ରୋଫାଇନାନ୍ସ ଉଦ୍ୟୋଗ ଏକ ଅବଲୋକନ ୦୬

ବିତରଣୀୟ ଗତିବିଧି ୦୯

ବିପଦଜନକ ଶିଳ୍ପ ସଂକ୍ଷିପ୍ତ ଟିପ୍ପଣୀ ୧୨

ଭୌଗୋଳିକ ଦୃଷ୍ଟିପାତ ୧୪

ବିସ୍ତୃତ ରାଜ୍ୟ ବିବରଣୀ : ମଧ୍ୟପ୍ରଦେଶ ୧୭

ଉଚ୍ଚଭିଳାଷୀ ଜିଲ୍ଲା ସମୂହ ୨୨

ମାଇକ୍ରୋଫାଇନାନ୍ସ ଉଦ୍ୟୋଗର ବର୍ଷ ରୁ ବର୍ଷ କାର୍ଯ୍ୟନିର୍ବାହ ୨୪

# ପ୍ରମୁଖ ସାରାଂଶ

ଏମଏଫଆଇ ପଲସ୍ (ମାଇକ୍ରୋଫାଇନାନ୍ସ ପଲସ୍) ରିପୋର୍ଟର ଏହି ୧୧ତମ ସଂସ୍କରଣ ୨୦୨୧ ସେପ୍ଟେମ୍ବର ପର୍ଯ୍ୟନ୍ତ ପ୍ରଦାନ କରାଯାଇଥିବା ତଥ୍ୟର ଛାୟାଚିତ୍ର ଏବଂ ଏହି ସମୟ ମଧ୍ୟରେ ମାଇକ୍ରୋଫାଇନାନ୍ସ ଉଦ୍ୟୋଗର ବିକାଶକୁ ଉପସ୍ଥାପନ କରୁଅଛି ।

୩୦, ସେପ୍ଟେମ୍ବର ୨୦୨୧ ସୁଦ୍ଧା ଏମ୍ଏଫ୍ଆଇ ଉଦ୍ୟୋଗର ବୁକ୍ ସାଇଜ ୨,୨୬,୧୨୩ କୋଟି ରହିଛି । ବ୍ୟାଙ୍କ ସମୂହ, ଏସଏଫବି ଏବଂ ଏନବିଏଫସି –ଏମ୍ଏଫ୍ଆଇ ମାନଙ୍କର ବକେୟା ପୋର୍ଟଫୋଲିଓ ବାବଦରେ ଅବଦାନ ୯୦ ପ୍ରତିଶତରୁ ଅଧିକ ଥିବା ବେଳେ ବିତରଣ ପରିମାଣ ୯୫ ପ୍ରତିଶତ ରହିଛି । ଜୁନ ୨୦୨୧ରୁ ସେପ୍ଟେମ୍ବର ୨୦୨୧ ମଧ୍ୟରେ ମାଇକ୍ରୋଫାଇନାସ୍ ଉଦ୍ୟୋଗର ତ୍ରୈମାସିକ ରୁ ତ୍ରୈମାସିକ ବୃଦ୍ଧି ୨ ପ୍ରତିଶତ ଦେଖିବାକୁ ମିଳିଛି । ସେପ୍ଟେମ୍ବର ୨୦୨୦ରୁ ସେପ୍ଟେମ୍ବର ୨୦୨୧ ମଧ୍ୟରେ ଏନବିଏଫସି –ଏମ୍ଏଫ୍ଆଇ ର ବର୍ଷ ରୁ ବର୍ଷ ବୃଦ୍ଧି ହାର ୧୪ ପ୍ରତିଶତ ଥିବା ବେଳେ ଜୁନ ୨୦୨୧ରୁ ସେପ୍ଟେମ୍ବର ୨୦୨୧ ତ୍ରୈମାସିକ ରୁ ତ୍ରୈମାସିକ ର ଅଭିବୃଦ୍ଧି ୧୦ ପ୍ରତିଶତ ରହିଛି । ଜୁନ ୨୦୨୧ରୁ ସେପ୍ଟେମ୍ବର ୨୦୨୧ ମଧ୍ୟରେ ବ୍ୟାଙ୍କ ସମୂହର ବକେୟା ପୋର୍ଟଫୋଲିଓ ହାରରେ ୩ ପ୍ରତିଶତ ହ୍ରାସ ଘଟିଛି ।

ଜୁଅସେ'୨୦ରୁ ଜୁଅସେ'୨୧ ମଧ୍ୟରେ ଋଣ ବିତରଣ ସଂଖ୍ୟା ୯୪ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ସେହି ସମୟ ମଧ୍ୟରେ ବିତରଣୀୟ ପରିମାଣ ୯୬ ପ୍ରତିଶତ ବୃଦ୍ଧି ପାଇଛି । ସମସ୍ତ ତ୍ରୈମାସିକ ହାରରୁ ଆଗକୁ ଯାଇ ୩୦,୦୦୦-୪୦,୦୦୦ ଟିକେଟ ଆୟତନ ମଧ୍ୟରେ ଏହି ସମୟରେ ସବୁଠାରୁ ଅଧିକ ଋଣ ବିତରଣ ହୋଇପାରିଛି । ଜୁଅସେ'୨୦ରୁ ଜୁଅସେ'୨୧ ମଧ୍ୟରେ ହାରାହାରି ଟିକେଟ ଆୟତନରେ ୧ ପ୍ରତିଶତ ବୃଦ୍ଧି ହୋଇଛି ।

ଜୁନ୨୦୨୧ରୁ ସେପ୍ଟେମ୍ବର ୨୦୨୧ ମଧ୍ୟରେ ସମସ୍ତ ଅବହେଳିତ ଅଂଶରେ ହ୍ରାସ ଘଟିଛି । କେବଳ ଜୁନ୨୦୨୧କୁ ଛାଡ଼ିଦେଲେ ୬୦-୮୯ ଦିନ ଅତିବାହିତ ଅବହେଳିତ ଅଂଶ ସମସ୍ତ ତ୍ରୈମାସିକ ହାରରେ ସବୁଠାରୁ ନିମ୍ନ ଅବହେଳିତ ଅଟେ ।

ବକେୟା ପୋର୍ଟଫୋଲିଓ ହାରରେ ତାମିଲନାଡୁ ୨୯, ୩୩୫ କୋଟି ଟଙ୍କାର ଏକ ଅଗ୍ରଣୀ ରାଜ୍ୟ ଭାବରେ ପରିଗଣିତ ହେବା ସହିତ ସମୁଦାୟ ବକେୟା ପୋର୍ଟଫୋଲିଓ ହାରରେ ଏହାର ଅବଦାନ ୧୩ ପ୍ରତିଶତ ରହିଛି । ୩୦ ସେପ୍ଟେମ୍ବର ୨୦୨୧ ସୁଦ୍ଧା ତାମିଲନାଡୁ, ପଶ୍ଚିମବଙ୍ଗ, ବିହାର, କର୍ଣ୍ଣାଟକ ଏବଂ ଉତ୍ତରପ୍ରଦେଶ ୫ଟି ପ୍ରମୁଖ ରାଜ୍ୟର ମାନ୍ୟତା ପାଇଛନ୍ତି । ୫ଟି ପ୍ରମୁଖ ରାଜ୍ୟ ମଧ୍ୟରେ କେବଳ ପଶ୍ଚିମବଙ୍ଗର ୯୦ରୁ ଅଧିକ ଅବହେଳିତ ହାର ଉଦ୍ୟୋଗ ଅବହେଳିତ ହାର ଠାରୁ ସର୍ବାଧିକ ଅଟେ ।

ବିସ୍ତୃତ ରାଜ୍ୟ ବିବରଣୀ ଭାବରେ ମଧ୍ୟପ୍ରଦେଶ ଏହାକୁ ଅତିକ୍ରମ କରିଛି । ମଧ୍ୟପ୍ରଦେଶର ବକେୟା ପୋର୍ଟଫୋଲିଓ ୧୩,୯୦୦ କୋଟି ରହିଛି । ବକେୟା ପୋର୍ଟଫୋଲିଓରେ ସର୍ବୋଚ୍ଚ ଯୋଗଦାନ ବ୍ୟାଙ୍କ ସମୂହ ସହିତ ଏନବିଏଫସି –ଏମ୍ଏଫ୍ଆଇ ସମୂହର ରହିଛି । ଜୁଅସେ'୨୧ ମଧ୍ୟରେ ମଧ୍ୟପ୍ରଦେଶରେ ସମୁଦାୟ ୪,୩୪୦ କୋଟି ଟଙ୍କାର ଋଣ ବିତରଣ କରାଯାଇଛି । ରାଜ୍ୟ ଟିକେଟ ଆୟତନ ତୁଳନାରେ ଏନବିଏଫସି ତଥା ବ୍ୟାଙ୍କ ସମୂହର ହାରାହାରି ଟିକେଟ ଆୟତନ ସର୍ବୋଚ୍ଚ ସ୍ତରକୁ ଯାଇଛି । ମାଇକ୍ରୋଫାଇନାନ୍ସ ଉଦ୍ୟୋଗର ମୋଟାମୋଟି ୯୦ରୁ ଅଧିକ ଅବହେଳିତ ତୁଳନାରେ ମଧ୍ୟପ୍ରଦେଶର ଏହି ସ୍ତର ଅଧିକ ରହିଛି ।

ଏହି ସଂସ୍କରଣରେ ଆମେ ମାଇକ୍ରୋଫାଇନାନ୍ସ ଉଦ୍ୟୋଗର ବର୍ଷ ରୁ ବର୍ଷ ବୃଦ୍ଧିକୁ ନିର୍ଦ୍ଧାରିତ କରିଅଛୁ । ସମଗ୍ର ଦେଶରେ ଲକଡ଼ାଉନ ପରିସ୍ଥିତି କାରଣରୁ ମାର୍ଚ୍ଚ ୨୦୨୦ରୁ ମାଇକ୍ରୋଫାଇନାନ୍ସ ଉଦ୍ୟୋଗରେ ଶିଥିଳତା ପରିଲକ୍ଷିତ ହୋଇଥିଲା । ପରିମାଣ ଏବଂ ମୂଲ୍ୟ ଆକାରରେ ଋଣ ଉତ୍ସ ଚୁକ୍ତିବଦ୍ଧ ଅକ୍ଟୋବର ୨୦୧୯ରୁ ସେପ୍ଟେମ୍ବର ୨୦୨୦ ସମୟ ମଧ୍ୟରେ ଯଥାକ୍ରମେ ୨୮ ପ୍ରତିଶତ ଏବଂ ୨୪ ପ୍ରତିଶତ ରହିଥିବା ବେଳେ ସମାନ୍ତରାଳ ଭାବରେ ଅକ୍ଟୋବର ୨୦୧୮ରୁ ସେପ୍ଟେମ୍ବର ୨୦୧୯ ମଧ୍ୟରେ ଏହା ସେହିପରି ରହିଛି । ତଥାପି ସେ ଯାହା ହେଉ ମାଇକ୍ରୋଫାଇନାନ୍ସ ଉଦ୍ୟୋଗର ଏହି ଧାରା ଗତିଶୀଳ ଅବସ୍ଥାକୁ ପୁନର୍ବାର ଫେରି ଆସି ପରିମାଣ ଏବଂ ମୂଲ୍ୟ ଆକାରରେ ଏହା ଅକ୍ଟୋବର ୨୦୨୦ରୁ ସେପ୍ଟେମ୍ବର ୨୦୨୧ ସମୟ ମଧ୍ୟରେ ଯଥାକ୍ରମେ ୩୫ ପ୍ରତିଶତ ଓ ୩୭ ପ୍ରତିଶତ ହାରରେ ବୃଦ୍ଧି ପାଇଛି ।

# ସଂକ୍ଷେପକ ଏବଂ ଶବ୍ଦକୋଷ

- ATS ଏଟିଏସ (ହାରାହାରି ଟିକେଟ ଆକାର = ପ୍ରଦତ୍ତ ରକମ / ଋଣ ସଂଖ୍ୟା
- DPD ଡ଼ିପିଡ଼ି = ଅତୀତର ଦିନ ଗୁଡ଼ିକ
- Live POS or Borrowers or Active Loans ରହିଥିବା ଚଳନ୍ତି ଉଲ୍ଲେଖନୀୟ ନଥିପତ୍ର କିମ୍ବା ଋଣଦାତା କିମ୍ବା ସକ୍ରିୟ ଋଣ = 0ରୁ ୧୭୯ DPD ଅତିତର ଦିନ ଗୁଡ଼ିକ + ନୂତନ ଖାତା + ବର୍ତ୍ତମାନ ଖାତା
- MFI ଏମଏଫଆଇ = ମାଇକ୍ରୋଫାଇନାନ୍ସ ଉଦ୍ୟୋଗ
- POS  ପିଓଏସ = ପୋର୍ଟଫୋଲିଓ ବକେୟା
- UT ୟୁଟି = କେନ୍ଦ୍ର ଶାସିତ ଅଞ୍ଚଳ
- Aspirational District (AD) = ଉଚ୍ଚାଭିଳାଷୀ ଜିଲ୍ଲା ସମୂହ ଜିଲ୍ଲା ସମୂହ (ଯାହାର ବର୍ତ୍ତମାନ ସଂଖ୍ୟା ୧୧୭) ଯେଉଁମାନେ ଜାନୁୟାରୀ ୨୦୧୮ରେ ଭାରତ ସରକାରଙ୍କ ନୀତି ଆୟୋଗ ଦ୍ୱାରା ଚିହ୍ନଟ ହୋଇଛି, ଯାହା ମାନବ ବିକାଶ ପରିମାପକ ବୃଦ୍ଧିକୁ ଉନ୍ନତ କରିବା ପାଇଁ ରହିଅଛି ବଦଳରେ ଏହା ପରିମିଶ୍ରିତ ସୂଚକ ଯେପରିକି ସ୍ୱାସ୍ଥ୍ୟ ଏବଂ ପୁଷ୍ଟକର ଶିକ୍ଷା, କୃଷି ଏବଂ ଜଳ ସମ୍ପଦ, ଆର୍ଥିକ ଅନ୍ତର୍ଭୁକ୍ତୀକରଣ, ଦକ୍ଷତା ବିକାଶ ଏବଂ ମୌଳିକ ଭିତ୍ତିଭୂମି ଉପରେ ଆଧାରିତ ।

- ୧-୧୭୯ = ୧ରୁ ୧୭୯ ଅତୀତର ଦିନଗୁଡ଼ିକ / ଚଳନ୍ତି ପୋର୍ଟଫୋଲିଓ ବକେୟା
- ୧-୨୯ = ୧ରୁ ୨୯ ଅତୀତର ଦିନଗୁଡ଼ିକ / ଚଳନ୍ତି ପୋର୍ଟଫୋଲିଓ ବକେୟା
- ୩୦-୫୯ = ୩୦ରୁ ୫୯ ଅତୀତର ଦିନଗୁଡ଼ିକ / ଚଳନ୍ତି ପୋର୍ଟଫୋଲିଓ ବକେୟା
- ୬୦-୮୯ = ୬୦ରୁ ୮୯ ଅତୀତର ଦିନଗୁଡ଼ିକ / ଚଳନ୍ତି ପୋର୍ଟଫୋଲିଓ ବକେୟା
- ୯୦-୧୭୯ = ୯୦ରୁ ୧୭୯ ଅତୀତର ଦିନଗୁଡ଼ିକ / ଚଳନ୍ତି ପୋର୍ଟଫୋଲିଓ ବକେୟା
- ୩୦ରୁ ଅଧିକ ଅବହେଳିତ = ୩୦ -୧୭୯ ଅତୀତର ଦିନଗୁଡ଼ିକ / ଚଳନ୍ତି ପୋର୍ଟଫୋଲିଓ ବକେୟା
- ୯୦ରୁ ଅଧିକ = ୩୦ -୧୭୯ ଅତୀତର ଦିନଗୁଡ଼ିକ / ଚଳନ୍ତି ପୋର୍ଟଫୋଲିଓ ବକେୟା

- ଜୁଅସେ'୨୦ = ଜୁଲାଇ ୨୦୨୦ରୁ ସେପ୍ଟେମ୍ବର ୨୦୨୦
- ଅନଡ଼ି'୨୦ = ଅକ୍ଟୋବର ୨୦୨୦ରୁ ଡ଼ିସେମ୍ବର ୨୦୨୦
- ଜାଫେମା'୨୧ = ଜାନୁୟାରୀ ୨୦୨୧ରୁ ମାର୍ଚ୍ଚ ୨୦୨୧
- ଅମେଜୁ'୨୧ = ଅପ୍ରେଲ ୨୦୨୧ରୁ ଜୁନ ୨୦୨୧
- ଜୁଅସେ'୨୧ = ଜୁଲାଇ ୨୦୨୧ରୁ ସେପ୍ଟେମ୍ବର ୨୦୨୧

EQUIFAX

sidbi




# ମାଇକ୍ରୋଫାଇନାନ୍ସ ଉଦ୍ୟୋଗ

## ଏକ ଅବଲୋକନ

# ମାଇକ୍ରୋଫାଇନାନ୍ସ ଉଦ୍ୟୋଗ ଛାୟା ଚିତ୍ର

# ୩୦ ସେପ୍ଟେମ୍ବର, ୨୦୨୧ ସୁଦ୍ଧା

| ଛାୟା ଚିତ୍ର ସେପ୍ଟେମ୍ବର ୩୦, ୨୦୨୧ ସୁଦ୍ଧା | ବ୍ୟାଙ୍କ ସମୂହ | ଏସଏଫବି ସମୂହ | ଏନବିଏଫସି – ଏମଏଫଆଇ ସମୂହ | ଏନବିଏଫସି ସମୂହ | ମାଇକ୍ରୋଫାଇନାନ୍ସ ଉଦ୍ୟୋଗ ପାଇଁ ଲାଭଦାୟକ ନୁହେଁ | ଉଦ୍ୟୋଗ ସମୂହ |
|---|---|---|---|---|---|---|
| ଅଦ୍ୱିତୀୟ ସଦ୍ୟ ଋଣଦାତା (‘୦୦୦) | ୨୪,୭୭୯ | ୧୨,୨୮୦ | ୨୩,୩୪୮ | ୬,୫୩୮ | ୭୮୫ | ୬୭,୭୩୦ |
| ଚ଼ଳନ୍ତି ଋଣ ସମୂହ (‘୦୦୦) | ୩୬,୯୮୧ | ୧୫୪୧୧ | ୩୬୦୫୯ | ୭୧୬୧ | ୧୦୩୦ | ୯୬,୬୪୨ |
| ପୋର୍ଟଫୋଲିଓ (କୋଟି ଟଙ୍କାରେ) | ୯୨,୭୨୫ | ୩୬,୮୬୩ | ୭୯,୯୩୨ | ୧୪,୬୨୧ | ୧,୯୮୨ | ୨୨୬,୧୨୩ |
| ବିତରଣ ପରିମାଣ (କୋଟି ଟଙ୍କାରେ) ଅମେଜୁ - ୨୧ | ୨୭୪୩୯ | ୧୨୦୩୭ | ୨୩୮୩୮ | ୨୮୬୬ | ୫୦୧ | ୬୬୬୮୧ |
| ହାରାହାରୀ ଟିକେଟ୍ ଆକାର (ଟଙ୍କା) ଅମେଜୁ - ୨୧ | ୩୫,୬୦୯ | ୩୪,୦୨୩ | ୩୪,୬୧୭ | ୪୧,୦୨୭ | ୨୮,୨୮୫ | ୩୫,୦୮୫ |
| ୩୦ରୁ ଅଧିକ ଅବହେଳିତ (ଚ଼ଳନ୍ତି ପୋର୍ଟଫୋଲିଓ) | ୧୨.୯୬ | ୧୦.୫୯ | ୭.୫୧ | ୬.୫୧ | ୨.୬୦ | ୧୦.୧୪ |
| ୯୦ରୁ ଅଧିକ ଅବହେଳିତ (ଚ଼ଳନ୍ତି ପୋର୍ଟଫୋଲିଓ) | ୩.୪୮% | ୩.୦୨% | ୨.୫୧% | ୨.୦୪% | ୧.୨୩% | ୨.୯୫% |




- ୩୦ ସେପ୍ଟେମ୍ବର, ୨୦୨୧ ସୁଦ୍ଧା ଏମଏଫଆଇ ଉଦ୍ୟୋଗ ବୁକ୍ ସାଇଜ ପରିମାଣ ୨,୨୬,୧୨୩ କୋଟି ଟଙ୍କାରେ ଅଛି ।
- କ୍ୱଅସେ’୨୧ ତ୍ରୈମାସିକରେ ବ୍ୟାଙ୍କ ସମୂହ, ଏସଏଫବି ସମୂହ ଏବଂ ଏନବିଏଫସି- ଏମଏଫଆଇ ସମୂହର ବକେୟା ପୋର୍ଟଫୋଲିଓ ବାବଦରେ ୯୦ ପ୍ରତିଶତରୁ ଅଧିକ ଥିବା ବେଳେ ବିତରଣ ପରିମାଣ ୯୫ ପ୍ରତିଶତ ରହିଛି ।
- ଉଦ୍ୟୋଗ ଟିକେଟ ଆୟତନ ଠାରୁ ବ୍ୟାଙ୍କ ସମୂହ ଏବଂ ଏନବିଏଫସି ସମୂହର ହାରାହାରି ଟିକେଟ ଆୟତନ ଉଚ୍ଚତର ରହିଛି ।
- ୩୦ରୁ ଅଧିକ ଏବଂ ୯୦ରୁ ଅଧିକ ଅବହେଳିତ ସ୍ତର ଔଦ୍ୟୋଗିକ ଅବହେଳିତ ଠାରୁ ଏନବିଏଫସି –ଏମଏଫଆଇ ସମୂହ, ଏନ୍‌ବିଏଫସି ଏବଂ ଏମ୍‌ଏଫଆଇ ପାଇଁ ଲାଭଦାୟକ ନଥିବା ଠାରୁ ନିମ୍ନତର ରହିଛି ।


ଟିପ୍ପଣୀ – ମାଇକ୍ରୋଫାଇନାନ୍ସ ଉଦ୍ୟୋଗ ବିଭାଗରେ ୬ କୋଟିର ଅଦ୍ୱିତୀୟ ଚ଼ଳନ୍ତି ଉଧାରଦାତା : ମାଇକ୍ରୋଫାଇନାନ୍ସ ଉଦ୍ୟୋଗର ସାଧାରଣ ସମୀକ୍ଷା ।

# ମାଇକ୍ରୋଫାଇନାନ୍ସ ଉଦ୍ୟୋଗ ଏକ ଅବଲୋକନ

ବକେୟା ପୋର୍ଟଫୋଲିଓ (କୋଟିରେ)

| ବିଷୟ ବସ୍ତୁ | ସେପ୍ଟେମ୍ବର'୨୦ | ଡିସେମ୍ବର'୨୦ | ମାର୍ଚ୍ଚ'୨୧ | ଜୁନ'୨୧ | ସେପ୍ଟେମ୍ବର'୨୧ |
|---|---|---|---|---|---|
| ବ୍ୟାଙ୍କସ | ୯୩,୪୦୯ | ୯୬,୬୮୩ | ୧୦୯,୮୬୭ | ୯୫,୬୭୪ | ୯୨,୭୨୫ |
| ଏସଏଫବି | ୪୨,୬୮୨ | ୩୮,୧୦୯ | ୩୮,୯୦୩ | ୩୫,୩୪୫ | ୩୬,୮୬୩ |
| ଏନବିଏଫସି – ଏମଏଫଆଇ | ୭୦,୧୪୨ | ୭୩,୧୬୬ | ୭୯,୪୨୦ | ୭୨,୮୫୬ | ୭୯,୯୩୨ |
| ଏନବିଏଫସି | ୧୯,୮୩୮ | ୧୮,୯୮୮ | ୧୮,୯୯୨ | ୧୬,୧୪୦ | ୧୪,୬୧୧ |
| ଏମଏଫଆଇ ପାଇଁ ଲାଭଦାୟକ ନୁହେଁ | ୧,୭୭୨ | ୧,୮୭୨ | ୨,୦୯୫ | ୨,୦୪୫ | ୧,୯୮୨ |
| ଉଦ୍ୟୋଗ ସମୂହ | ୨୨୭,୮୪୩ | ୨୨୮,୮୧୮ | ୨୪୯,୨୭୭ | ୨୨୨,୦୬୦ | ୨୨୬,୧୧୩ |
| ତ୍ରୈମାସକ ରୁ ତ୍ରୈମାସିକ ବୃଦ୍ଧିର ଶତକଡ଼ା | - | 0% | ୯% | -୧୧% | ୨% |

## ଉଧାରଦାତା ପ୍ରକାର ଦ୍ୱାରା ବଜାର ଅଂଶଧନ ଗତିବିଧି




- ଜୁନ ୨୦୨୧ରୁ ସେପ୍ଟେମ୍ବର ୨୦୨୧ ମଧ୍ୟରେ ମାଇକ୍ରୋଫାଇନାନ୍ସ ଉଦ୍ୟୋଗର ତ୍ରୈମାସିକରୁ ତ୍ରୈମାସିକ ବୃଦ୍ଧି ୨ ପ୍ରତିଶତ ଦେଖିବାକୁ ମିଳିଛି ।
- ଏନବିଏଫସି –ଏମ୍ଏଫ୍ଆଇ ର ବର୍ଷ ରୁ ବର୍ଷ ବୃଦ୍ଧି ହାର ୧୪ ପ୍ରତିଶତ ଥିବା ବେଳେ ଜୁନ ୨୦୨୧ରୁ ସେପ୍ଟେମ୍ବର ୨୦୨୧ ତ୍ରୈମାସିକ ରୁ ତ୍ରୈମାସିକ ର ଅଭିବୃଦ୍ଧି ୧୦ ପ୍ରତିଶତ ରହିଛି ।
- ଜୁନ ୨୦୨୧ରୁ ସେପ୍ଟେମ୍ବର ୨୦୨୧ ମଧ୍ୟରେ ବ୍ୟାଙ୍କ ସମୂହର ବକେୟା ପୋର୍ଟଫୋଲିଓ ହାରରେ ୩ ପ୍ରତିଶତ ହ୍ରାସ ଘଟିଛି ।




# ବିତରଣୀୟ ଗତିବିଧି

# ବିତରଣୀୟ ଗତିବିଧି - ଅନୁଷ୍ଠାନ ଭିତ୍ତିକ

ଋଣ ବିତରଣ ସଂଖ୍ୟା (ଲକ୍ଷରେ)

| ଉଧାରଦାତା ପ୍ରକାର | ଜୁଅସେ'୨୦ | ଅନଡ଼ି'୨୦ | ଜାଫେମା'୨୧ | ଅମେଜୁ'୨୧ | ଜୁଅସେ'୨୧ |
|---|---|---|---|---|---|
| ବ୍ୟାଙ୍କ ସମୂହ | ୪୬ | ୧୦୧ | ୧୧୧ | ୪୨ | ୭୭ |
| ଏସଏଫବି ସମୂହ | ୧୨ | ୨୦ | ୩୧ | ୯ | ୩୫ |
| ଏନବିଏଫସି - ଏମଏଫଆଇ ସମୂହ | ୩୨ | ୬୫ | ୭୮ | ୧୯ | ୬୯ |
| ଏନବିଏଫସି | ୬ | ୮ | ୧୩ | ୩ | ୭ |
| ଏମଏଫଆଇ ପାଇଁ ଲାଭଦାୟକ ନୁହେଁ | ୨ | ୨ | ୩ | ୧ | ୨ |
| ଉଦ୍ୟୋଗ ସମୂହ | ୯୮ | ୧୯୬ | ୨୩୬ | ୭୪ | ୧୯୦ |

ଉଧାରଦାତା ପ୍ରକାର ଦ୍ୱାରା ବଜାର ଅଂଶଧନ ଗତିବିଧି





- ଜୁଅସେ'୨୦ରୁ ଜୁଅସେ'୨୧ ମଧ୍ୟରେ ଋଣ ବିତରଣ ସଂଖ୍ୟା ୯୪ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ସେହି ସମୟ ମଧ୍ୟରେ ବିତରଣୀୟ ପରିମାଣ ୯୬ ପ୍ରତିଶତ ବୃଦ୍ଧି ପାଇଛି ।
- ସମସ୍ତ ତ୍ରୈମାସିକ ହାରରୁ ଆଗକୁ ଯାଇ ବ୍ୟାଙ୍କ ସମୂହ ଏବଂ ଏନବିଏଫସି –ଏମଏଫଆଇ ଦ୍ୱାରା ସବୁଠାରୁ ଅଧିକ ସଂଖ୍ୟକ ଋଣ ବିତରଣ ହୋଇପାରିଛି ।
- ଜୁଅସେ'୨୦ରୁ ଜୁଅସେ'୨୧ ମଧ୍ୟରେ  ସଂଖ୍ୟା ଏବଂ ମୂଲ୍ୟ ଭିତିରେ ଋଣ ବିତରଣର ସର୍ବୋଚ୍ଚ ବୃଦ୍ଧି ହାର ବ୍ୟାଙ୍କ ଏସଏଫବି ମାନଙ୍କ ଦ୍ୱାରା ଦେଖିବାକୁ ମିଳିଛି ।

# ଉଦ୍ୟୋଗ ଟିକେଟ ଆକାରର ଗତିବିଧି

ଋଣ ବିତରଣ ସଂଖ୍ୟା (ଲକ୍ଷରେ)

| ଋଣ ପରିମାଣ | ଜୁଅସେ'୨୦ | ଅନଡ଼ି'୨୦ | ଜାଫେମା'୨୧ | ଅମେଜୁ'୨୧ | ଜୁଅସେ'୨୧ | ବର୍ଷକୁ ବର୍ଷ ବୃଦ୍ଧିର ଶତକଡ଼ା ହାର |
|---|---|---|---|---|---|---|
| ୦ - ୧୦୦୦୦ | ୪ | ୩୫ | ୧୯ | ୮ | ୧୮ | ୩୫୦% |
| ୧୦୦୦୦ - ୨୦୦୦୦ | ୧୬ | ୨୦ | ୧୯ | ୮ | ୨୦ | ୨୫% |
| ୨୦୦୦୦ - ୩୦୦୦୦ | ୧୮ | ୩୨ | ୪୦ | ୧୨ | ୩୩ | ୮୩% |
| ୩୦୦୦୦ - ୪୦୦୦୦ | ୨୪ | ୪୪ | ୬୦ | ୧୭ | ୪୭ | ୯୬% |
| ୪୦୦୦୦ - ୫୦୦୦୦ | ୧୮ | ୨୯ | ୩୯ | ୧୧ | ୨୯ | ୬୧% |
| ୫୦୦୦୦ - ୬୦୦୦୦ | ୧୦ | ୧୮ | ୨୭ | ୯ | ୨୪ | ୧୪୦% |
| ୬୦୦୦୦ + | ୮ | ୧୮ | ୩୨ | ୯ | ୧୯ | ୧୩୮% |
| **ସମୁଦାୟ** | ୯୮ | ୧୯୬ | ୨୩୬ | ୭୪ | ୧୯୦ | ୯୪% |
| ତ୍ରୈମାସିକରୁ ତ୍ରୈମାସିକ ଋଣ ବିତରଣ ବୃଦ୍ଧିର %ହାର | - | ୧୦୦% | ୨୦% | -୬୯% | ୧୫୭% | - |
| ସର୍ବଭାରତୀୟ ପ୍ରଦତ୍ତ ଋଣ ପରିମାଣ (ଟଙ୍କାରେ) | ୩୪,୭୨୪ | ୩୨,୧୭୪ | ୩୮,୭୯୨ | ୩୫,୭୮୧ | ୩୫,୦୮୫ | - |
| ତ୍ରୈମାସିକରୁ ତ୍ରୈମାସିକ ପ୍ରଦତ୍ତ ଋଣ ପରିମାଣ ବୃଦ୍ଧିର ହାର | - | -୭% | ୨୧% | -୮% | -୨% | - |





- ସମସ୍ତ ତ୍ରୈମାସିକ ହାରରୁ ଆଗକୁ ଯାଇ ୩୦,୦୦୦-୪୦,୦୦୦ ଟିକେଟ ଆୟତନ ମଧ୍ୟରେ ଏହି ସମୟରେ ସବୁଠାରୁ ଅଧିକ ଋଣ ପ୍ରଦାନ କରାଯାଇଛି ।
- ୩୦,୦୦୦-୫୦,୦୦୦ ଟିକେଟ ଆୟତନ ସ୍ତରରେ ୪୦ ପ୍ରତିଶତ ଋଣ ଦିଆଯାଇଛି ।
- ଜୁଅସେ'୨୦ରୁ ଜୁଅସେ'୨୧ ମଧ୍ୟରେ ହାରାହାରି ଟିକେଟ ଆୟତନରେ ୧ ପ୍ରତିଶତ ବୃଦ୍ଧି ହୋଇଛି ।



# ବିପଦଜନକ ଉଦ୍ୟୋଗ ପ୍ରୋଫାଇଲ

# ଅବହେଳିତ ଗତିବିଧି

| ଉପସ୍ଥାପିତ ତ୍ରୈମାସିକ | ୧-୨୯ ଅତୀତର ଦିନଗୁଡ଼ିକ | ୩୦-୫୯ ଅତୀତର ଦିନଗୁଡ଼ିକ | ୬୦-୮୯ ଅତୀତର ଦିନଗୁଡ଼ିକ | ୯୦-୧୭୯ ଅତୀତର ଦିନଗୁଡ଼ିକ | ୧-୧୭୯ ଅତୀତର ଦିନଗୁଡ଼ିକ |
|---|---|---|---|---|---|
| ସେପ୍ଟେମ୍ବର'୨୦ | ୧୫.୩୫% | ୩.୪୭% | ୦.୩୯% | ୦.୬୩% | ୧୯.୮୪% |
| ଡିସେମ୍ବର'୨୦ | ୭.୫୦% | ୪.୭୩% | ୩.୪୯% | ୪.୯୬% | ୨୦.୬୮% |
| ମାର୍ଚ୍ଚ'୨୧ | ୪.୫୫% | ୨.୯୦% | ୨.୦୧% | ୪.୧୨% | ୧୩.୫୮% |
| ଜୁନ'୨୧ | ୧୪.୯୦% | ୧୦.୧୪% | ୩.୩୮% | ୩.୦୧% | ୩୧.୪୩% |
| ସେପ୍ଟେମ୍ବର'୨୧ | ୮.୬୪% | ୫.୪୪% | ୧.୭୪% | ୨.୯୫% | ୧୮.୭୭% |




- ଜୁନ୨୦୨୧ରୁ ସେପ୍ଟେମ୍ବର ୨୦୨୧ ମଧ୍ୟରେ ସମସ୍ତ ଅବହେଳିତ ଅଂଶରେ ହ୍ରାସ ଘଟିଛି ।
- କେବଳ ଜୁନ୨୦୨୧କୁ ଛାଡ଼ିଦେଲେ ୬୦-୮୯ ଦିନ ଅତିବାହିତ ଅବହେଳିତ ଅଂଶ ସମସ୍ତ ତ୍ରୈମାସିକ ହାରରେ ସବୁଠାରୁ ନିମ୍ନ ଅବହେଳିତ ଅଟେ ।


EQUIFAX

sidbi




# ଭୌଗୋଳିକ ଦୃଷ୍ଟିପାତ

# ୩୦ ସେପ୍ଟେମ୍ବର ୨୦୨୧ ସୁଦ୍ଧା ରହିଥିବା ରାଜ୍ୟ / କେନ୍ଦ୍ର ଶାସିତ ଭିତ୍ତିକ ବକେୟା ପୋର୍ଟଫୋଲିଓ




- ବକେୟା ପୋର୍ଟଫୋଲିଓ ବାବଦରେ ୧୦ଟି ପ୍ରମୁଖ ରାଜ୍ୟମାନଙ୍କ ଅଂଶଦାନ ୮୨ ପ୍ରତିଶତ ଅଟେ ।
- ବକେୟା ପୋର୍ଟଫୋଲିଓ ହାରରେ ତାମିଲନାଡୁ ୨୯,୩୩୫ କୋଟି ଟଙ୍କାର ଏକ ଅଗ୍ରଣୀ ରାଜ୍ୟ ଭାବରେ ପରିଗଣିତ ହେବା ସହିତ ସମୁଦାୟ ବକେୟା ପୋର୍ଟଫୋଲିଓ ହାରରେ ଏହାର ଅବଦାନ ୧୩ ପ୍ରତିଶତ ରହିଛି ।
- ୩୦ ସେପ୍ଟେମ୍ବର ୨୦୨୧ ସୁଦ୍ଧା ତାମିଲନାଡୁ, ପଶ୍ଚିମବଙ୍ଗ, ବିହାର, କର୍ଣ୍ଣାଟକ ଏବଂ ଉତ୍ତରପ୍ରଦେଶ ୫ଟି ପ୍ରମୁଖ ରାଜ୍ୟର ମାନ୍ୟତା ପାଇଛନ୍ତି ।

# ୩୦ ସେପ୍ଟେମ୍ବର ୨୦୨୧ ସୁଦ୍ଧା ରାଜ୍ୟ / କେନ୍ଦ୍ର ଶାସିତ ଭିତ୍ତିକ ୯୦ରୁ ଅଧିକ ଅବହେଳିତ ସଂଖ୍ୟା




- ପଶ୍ଚିମବଙ୍ଗର ୯୦ରୁ ଅଧିକ ଅବହେଳିତ ହାର ଉଦ୍ୟୋଗ ଅବହେଳିତ ହାର ଠାରୁ ସର୍ବାଧିକ ଅଟେ ।
- ତାମିଲନାଡୁ, ବିହାର, କର୍ଣ୍ଣାଟକ ଏବଂ ଉତ୍ତରପ୍ରଦେଶର ୯୦ରୁ ଅଧିକ ଅବହେଳିତ ହାର ଉଦ୍ୟୋଗ ଅବହେଳିତ ହାରଠାରୁ ନିମ୍ନତର ।

EQUIFAX


sidbi



# ବିସ୍ତୃତ ରାଜ୍ୟ ବିବରଣୀ : ମଧ୍ୟପ୍ରଦେଶ

# ମଧ୍ୟପ୍ରଦେଶ : ରାଜ୍ୟ ଅବଲୋକନ

| ୩୦ ସେପ୍ଟେମ୍ବର ୨୦୨୧ ସୁଦ୍ଧା ମଧ୍ୟପ୍ରଦେଶ ରାଜ୍ୟର ଅବଲୋକନ | ବ୍ୟାଙ୍କ ସମୂହ | ଏସଏଫବି | ଏନବିଏଫସି – ଏମଏଫଆଇ | ଏନବିଏଫସି | ଏମଏଫଆଇ ପାଇଁ ଲାଭଦାୟକ ନୁହେଁ | ଉଦ୍ୟୋଗ |
|---|---|---|---|---|---|---|
| ସକ୍ରିୟ ଋଣ (‘୦୦୦ରେ) | ୧,୮୫୮ | ୯୧୯ | ୨,୮୦୦ | ୪୦୮ | ୫୧ | ୬,୦୩୬ |
| ବକେୟା ପୋର୍ଟଫୋଲିଓ (କୋର୍ଟରେ) | ୪,୨୭୭ | ୨,୨୩୬ | ୬,୫୫୨ | ୭୬୬ | ୮୯ | ୧୩,୯୨୦ |
| ବକେୟା ପୋର୍ଟଫୋଲିଓ ବଜାର ପୁଞ୍ଜି | ୩୧% | ୧୬% | ୪୭% | ୬% | ୧% | - |
| ବିତରଣ ପରିମାଣ (କୋର୍ଟରେ) ଜୁଅସେ’୨୧ | ୧,୪୩୪ | ୮୪୫ | ୧,୯୨୦ | ୧୧୪ | ୨୭ | ୪,୩୪୦ |
| ହାରାହାରି ଟିକେଟ ଆୟତନ (ଟଙ୍କାରେ) ଜୁଅସେ’୨୧ | ୩୬,୦୦୬ | ୩୩,୬୨୯ | ୩୪,୬୩୮ | ୪୧,୪୯୯ | ୨୪,୭୯୫ | ୩୪,୯୩୮ |
| ୩୦ରୁ ଅଧିକ ଅବହେଳିତ (ପିଓଏସ୍) | ୧୨.୩୪% | ୯.୨୭% | ୮.୩୮% | ୧୧.୭୦% | ୨.୧୫% | ୯.୮୮% |
| ୯୦ରୁ ଅଧିକ ଅବହେଳିତ (ପିଓଏସ୍) | ୩.୯୨% | ୩.୫୬% | ୨.୫୩% | ୪.୪୪% | ୦.୭୮% | ୩.୨୨% |





- ୩୦ ସେପ୍ଟେମ୍ବର ୨୦୨୧ ସୁଦ୍ଧା ମଧ୍ୟପ୍ରଦେଶ ରାଜ୍ୟର ବକେୟା ପୋର୍ଟଫୋଲିଓ ୧୩,୯୨୦ କୋଟି ରହିଛି ।
- ବକେୟା ପୋର୍ଟଫୋଲିଓରେ ସର୍ବୋଚ୍ଚ ଯୋଗଦାନ ଏନବିଏଫସି –ଏମ୍ଏଫ୍ଆଇ ସହିତ ବ୍ୟାଙ୍କ ସମୂହ ଖାତାକୁ ଯାଇଛି ।
- ଜୁଅସେ’୨୧ ମଧ୍ୟରେ ମଧ୍ୟପ୍ରଦେଶ ୪,୩୪୦ କୋଟି ଟଙ୍କାର ଋଣ ସମୂହ ବିତରଣ କରାଯାଇଛି ।
- ରାଜ୍ୟ ଟିକେଟ ଆୟତନ ତୁଳନାରେ ଏନବିଏଫସି ତଥା ବ୍ୟାଙ୍କ ସମୂହର ହାରାହାରି ଟିକେଟ ଆୟତନ ସର୍ବୋଚ୍ଚ ସ୍ତରକୁ ଯାଇଛି ।
- ମାଇକ୍ରୋଫାଇନାନ୍ସ ଉଦ୍ୟୋଗର ମୋଟାମୋଟି ୯୦ରୁ ଅଧିକ ଅବହେଳିତ ସ୍ତର ତୁଳନାରେ ମଧ୍ୟପ୍ରଦେଶର ଏହି ସ୍ତର ଅଧିକ ରହିଛି ।
- ମଧ୍ୟପ୍ରଦେଶ ରାଜ୍ୟରେ ସମସ୍ତ ଋଣଦାତାଙ୍କ ଠାରୁ ୯୦ରୁ ଅଧିକ ଅବହେଳିତରେ ଏମ୍ଏଫ୍ଆଇ ପାଇଁ ଲାଭଦାୟକ ନଥିବା ଏବଂ ଏନବିଏଫ୍ସି –ଏମ୍ଏଫ୍ଆଇର ସ୍ତର ସବୁଠାରୁ ନିମ୍ନତର ଅଟେ ।

# ମଧ୍ୟପ୍ରଦେଶ – ଉଦ୍ୟୋଗ ଟିକେଟ ଆୟତନ ଗତିବିଧି

ଋଣ ବଣ୍ଟନ ସଂଖ୍ୟା ('୦୦୦ରେ)


| ଟିକେଟ ଆୟତନ | ଜୁଅସେ'୨୦ | ଅନଡ଼ି'୨୦ | ଜାଫେମା'୨୧ | ଅମେଜୁ'୨୧ | ଜୁଅସେ'୨୧ | ବର୍ଷ ରୁ ବର୍ଷ ବୃଦ୍ଧିର ହାର ପ୍ରତିଶତରେ |
|---|---|---|---|---|---|---|
| ୦ - ୧୦୦୦୦ | ୨୨ | ୧୨୪ | ୧୦୬ | ୩୯ | ୯୯ | ୩୫୦% |
| ୧୦୦୦୦ - ୨୦୦୦୦ | | | | | | |
| ୨୦୦୦୦ - ୩୦୦୦୦ | ୧୨୫ | ୧୯୨ | ୨୪୫ | ୫୨ | ୨୩୪ | ୮୭% |
| | | | | | | |
| ୪୦୦୦୦ - ୫୦୦୦୦ | ୧୨୨ | ୧୯୬ | ୨୭୦ | ୫୧ | ୧୯୩ | ୫୮% |
| ୫୦୦୦୦ - ୬୦୦୦୦ | ୮୦ | ୧୬୦ | ୧୮୫ | ୪୧ | ୧୬୨ | ୧୦୩% |
| ୬୦୦୦୦ + | ୫୧ | ୧୧୩ | ୧୬୧ | ୩୩ | ୧୦୭ | ୧୧୦% |
| ସମୁଦାୟ | ୬୫୨ | ୧,୧୯୦ | ୧,୫୧୨ | ୩୩୧ | ୧,୨୪୦ | ୯୦% |
| ତ୍ରୈମାସିକରୁ ତ୍ରୈମାସିକ ଋଣ ବିତରଣ ବୃଦ୍ଧିର %ହାର | - | ୮୩% | ୨୭% | -୭୮% | ୨୭୫% | - |
| ମଧ୍ୟପ୍ରଦେଶ ଏଟିଏସ୍ (ଟଙ୍କାରେ) | ୩୫,୧୨୩ | ୩୫,୪୧୦ | ୩୭,୪୯୮ | ୩୪,୭୪୭ | ୩୪,୯୩୮ | - |
| ତ୍ରୈମାସକ ରୁ ତ୍ରୈମାସିକ ଏଟିଏସ୍ ବୃଦ୍ଧିର ହାର ପ୍ରତିଶତରେ | - | ୧% | ୬% | -୭% | ୧% | - |




- ଜୁଅସେ '୨୦ରୁ ଜୁଅସେ '୨୧ ମଧ୍ୟରେ ଋଣ ବଣ୍ଟନ ସଂଖ୍ୟା ଆକାରରେ ମଧ୍ୟପ୍ରଦେଶରେ ବର୍ଷ ରୁ ବର୍ଷ ସ୍ଥିତି ୯୦ ପ୍ରତିଶତ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି ।
- ୨୦,୦୦୦-୫୦,୦୦୦ ଟିକେଟ ଆୟତନ ସ୍ତରରେ ୬୦ ପ୍ରତିଶତରୁ ଅଧିକ ଋଣ ବଣ୍ଟନ ହୋଇଛି ।
- ଅମେଜୁ'୨୧ରୁ ଜୁଅସେ'୨୧ ମଧ୍ୟରେ ମଧ୍ୟପ୍ରଦେଶ ରାଜ୍ୟରେ ଏଟିଏସ୍‌ରେ ୧ ପ୍ରତିଶତ ବୃଦ୍ଧି ଘଟିଛି ।

# ମଧ୍ୟପ୍ରଦେଶ : ପୋର୍ଟଫୋଲିଓ ଗତିବିଧି


| ବିଷୟବସ୍ତୁ | ସେପ୍ଟେମ୍ବର ୨୦ | ଡିସେମ୍ବର ୨୦ | ମାର୍ଚ୍ଚ ୨୧ | ଜୁନ ୨୧ | ସେପ୍ଟେମ୍ବର ୨୧ |
|---|---|---|---|---|---|
| ବ୍ୟାଙ୍କ ସମୂହ | ୪,୧୮୧ | ୪,୩୫୮ | ୫,୦୫୨ | ୪,୨୯୧ | ୪,୨୭୭ |
| ଏସଏଫବି ସମୂହ | ୨,୧୯୩ | ୨,୧୧୫ | ୨,୨୨୬ | ୨,୦୧୨ | ୨,୨୩୬ |
| ଏନବିଏଫସି - ଏମଏଫଆଇ ସମୂହ | ୫,୩୮୧ | ୫,୮୫୩ | ୬,୫୫୨ | ୫,୯୨୦ | ୬,୫୫୨ |
| ଏନବିଏଫସି | ୧,୧୬୪ | ୧,୧୬୭ | ୧,୦୯୩ | ୮୬୧ | ୭୬୬ |
| ଏମଏଫଆଇ ପାଇଁ ଲାଭଦାୟକ ନୁହେ | ୬୬ | ୭୪ | ୮୩ | ୮୪ | ୮୯ |
| ମଧ୍ୟପ୍ରଦେଶ | ୧୨,୯୮୫ | ୧୩,୫୬୭ | ୧୫,୦୦୬ | ୧୩,୧୬୮ | ୧୩,୯୨୦ |
| ତ୍ରୈମାସକ ରୁ ତ୍ରୈମାସିକ ବୃଦ୍ଧିର ଶତକଡ଼ା ହାର | - | ୪% | ୧୧% | -୧୨% | ୬% |




- ମଧ୍ୟପ୍ରଦେଶରେ ସେପ୍ଟେମ୍ବର ୨୦୨୦ରୁ ସେପ୍ଟେମ୍ବର ୨୦୨୧ ମଧ୍ୟରେ ବକେୟା ପୋର୍ଟଫୋଲିଓ ଆକାରରେ ବର୍ଷ ରୁ ବର୍ଷରେ ୭ ପ୍ରତିଶତ ବୃଦ୍ଧି ହାର ପରିଲକ୍ଷିତ ହୋଇଛି ।
- ସମସ୍ତ ତ୍ରୈମାସିକରେ ବକେୟା ପୋର୍ଟଫୋଲିଓ ସପକ୍ଷରେ ୭୦ ପ୍ରତିଶତରୁ ଅଧିକ ଅଂଶଦାନ ଏନବିଏଫସି – ଏମଏଫଆଇ ସମୂହ ତଥା ବ୍ୟାଙ୍କ ସମୂହ ଦ୍ୱାରା ହୋଇଛି ।

# ମଧ୍ୟପ୍ରଦେଶ ୯୦ରୁ ଅଧିକ ଅବହେଳିତ ଗତିବିଧି

| ଉଧାରଦାତା ପ୍ରକାର | ସେପ୍ଟେମ୍ବର ୨୦ | ଡିସେମ୍ବର ୨୦ | ମାର୍ଚ୍ଚ୨୧ | ଜୁନ୨୧ | ସେପ୍ଟେମ୍ବର ୨୧ |
|---|---|---|---|---|---|
| ବ୍ୟାଙ୍କ ସମୂହ | ୦.୪୨% | ୪.୨୫% | ୩.୧୦% | ୨.୫୦% | ୩.୯୨% |
| ଏସଏଫବି ସମୂହ | ୦.୨୦% | ୪.୧୬% | ୩.୨୬% | ୨.୦୭% | ୩.୫୬% |
| ଏନବିଏଫସି - ଏମଏଫଆଇ ସମୂହ | ୦.୯୫% | ୫.୬୭% | ୨.୫୬% | ୩.୫୧% | ୨.୫୩% |
| ଏନବିଏଫସି | ୦.୯୨% | ୩.୦୧% | ୬.୨୪% | ୩.୨୪% | ୪.୪୪% |
| ଏମଏଫଆଇ ପାଇଁ ଲାଭଦାୟକ ନୁହେ | ୧.୦୪% | ୨.୪୪% | ୧.୬୮% | ୧.୦୬% | ୦.୭୮% |
| ମଧ୍ୟପ୍ରଦେଶ | ୦.୬୫% | ୪.୭୩% | ୩.୧୮% | ୨.୯୩% | ୩.୨୨% |




- ମଧ୍ୟପ୍ରଦେଶର ୯୦ରୁ ଅଧିକ ଅବହେଳିତ ସ୍ଥିତିରେ ଜୁନ ୨୦୨୧ର ୨.୯୩ ପ୍ରତିଶତ ଠାରୁ ସେପ୍ଟେମ୍ବର ୨୦୨୧ରେ ଏହା ୩.୨୨ ପ୍ରତିଶତ ବୃଦ୍ଧି ପ୍ରାପ୍ତ ହୋଇଛି ।
- ମାର୍ଚ୍ଚ ୨୦୨୧ରୁ ସେପ୍ଟେମ୍ବର ୨୦୨୧ ପର୍ଯ୍ୟନ୍ତ ଏମ୍ଏଫ୍ଆଇ ପାଇଁ ଲାଭଦାୟକ ନୁହେଁ ସ୍ଥିତିରେ ୯୦ରୁ ଅଧିକ ଅବହେଳିତ ଗତିବିଧିରେ ହ୍ରାସ ପରିଲକ୍ଷିତ ହୋଇଛି ।


ବକେୟା ପୋର୍ଟଫୋଲିଓ ଆଧାରରେ ଅବହେଳିତ ବିଘରିତ




# ଉଛାଭିଳାଷୀ ଜିଲ୍ଲା ସମୂହ

# ଉଚ୍ଚାଭିଳାଷୀ ଜିଲ୍ଲା ସମୂହ

## ସେପ୍ଟେମ୍ବର ୨୦୨୧ ସାଧାରଣ ସମୀକ୍ଷା




| ଉଚ୍ଚାଭିଳାଷୀ ଜିଲ୍ଲା ସମୂହ ବୃଦ୍ଧି ବିଷୟବସ୍ତୁ | ଡ଼ିସେମ୍ବର ୨୦୧୭ | ସେପ୍ଟେମ୍ବର ୨୦୨୧ | ବୃଦ୍ଧିର ହାର |
|---|---|---|---|
| ସକ୍ରିୟ ଗ୍ରାହକଙ୍କ ପ୍ରବେଶ ('୦୦୦) | ୪,୧୫୫ | ୮,୪୪୦ | ୧୦୩% |
| ବିତରଣୀୟ ପରିମାଣ (ଟଙ୍କା କୋର୍ଟରେ) | ୧୪,୩୭୪ * | ୩୪,୫୯୫** | ୧୪୧% |
| ସକ୍ରିୟ ଋଣ ('୦୦୦) | ୬,୯୨୫ | ୧୩,୨୦୩ | ୯୧% |
| ବକେୟା ପୋର୍ଟଫୋଲିଓ (ଟଙ୍କା କୋର୍ଟରେ) | ୧୧,୧୭୫ | ୨୯,୯୭୫ | ୧୬୮% |
| ୩୦ରୁ ଅଧିକ ଅବହେଳିତ | ୧.୫୪% | ୭.୪୭% | - |
| ୯୦ରୁ ଅଧିକ ଅବହେଳିତ | ୦.୭୫% | ୨.୨୮% | - |

- ୩୦ ସେପ୍ଟେମ୍ବର ସୁଦ୍ଧା ଉଚ୍ଚାଭିଳାଷୀ ଜିଲ୍ଲା ସମୂହ ବକେୟା ପୋର୍ଟଫୋଲିଓ ୨୯,୯୭୫ କୋଟି ଟଙ୍କା ଅଟେ ଏବଂ ଡ଼ିସେମ୍ବର ୨୦୧୭ରୁ ସେପ୍ଟେମ୍ବର ୨୦୨୧ ମଧ୍ୟରେ ଏଥିରେ ୧୬୮ ପ୍ରତିଶତର ବୃଦ୍ଧି ଘଟିଛି।
- ଅକ୍ଟୋବର ୨୦୨୦ରୁ ସେପ୍ଟେମ୍ବର ୨୦୨୧ ମଧ୍ୟରେ ଏହି ଉଚ୍ଚାଭିଳାଷୀ ଜିଲ୍ଲା ସମୂହ ମାନଙ୍କ ମଧ୍ୟରେ ୩୪, ୫୯୫ କୋଟି ଟଙ୍କାର ଋଣ ବଣ୍ଟନ କରାଯାଇଛି।
- ବ୍ୟାଙ୍କ ସମୂହ ଏବଂ ଏସଏଫବି ସମୂହର ୩୦ରୁ ଅଧିକ ଏବଂ ୯୦ରୁ ଅଧିକ ଅବହେଳିତ ସ୍ଥିତି ମୋଟାମୋଟି ଭାବରେ ଉଚ୍ଚାଭିଳାଷୀ ଜିଲ୍ଲାର ୩୦ରୁ ଅଧିକ ଏବଂ ୯୦ରୁ ଅଧିକ ଅବହେଳିତ ସ୍ଥିତି ଠାରୁ ଉଚ୍ଚତର ଅଟେ।

* ଜାନୁୟାରୀ ୨୦୧୭ରୁ ଡ଼ିସେମ୍ବର ୨୦୧୭ ବିତରଣୀୟ
** ଜୁଲାଇ ୨୦୨୦ରୁ ଜୁନ ୨୦୨୧ ବିତରଣୀୟ
ବକେୟା ପୋର୍ଟଫୋଲିଓ ଆଧାରରେ ଅବହେଳିତ ଗୁଡ଼ିକ ବିଚାରିତ





# ମାଇକ୍ରୋଫାଇନାନ୍ସ ଉଦ୍ୟୋଗର ବର୍ଷ ରୁ ବର୍ଷ ବୃଦ୍ଧି


# ବର୍ଷ ରୁ ବର୍ଷ ବିତରଣର ବୃଦ୍ଧି

କୋଭିଡ୍ ମହାମାରୀ ପରିସ୍ଥିତି ଏବଂ ତ୍ଵଳମାନତାରେ କଟକଣା ମାଇକ୍ରୋଫାଇନାନ୍ସ ଉଦ୍ୟୋଗକୁ ପ୍ରତିକୂଳିତ ଭାବରେ ପ୍ରଭାବିତ କରିଛି । ବିଗତ ୩ ବର୍ଷର ମାଇକ୍ରୋଫାଇନାନ୍ସ ଉଦ୍ୟୋଗର କୋଭିଡ୍ ୧୯ ଜନିତ ପ୍ରଭାବକୁ ବିଶ୍ଳେଷଣ କରିବାକୁ ଋଣଦାତା ଭିତିକ ଏବଂ ରାଜ୍ୟ ଭିତିକ ଧାରାକୁ ଉତ୍ସ, ବକେୟା ପୋର୍ଟଫୋଲିଓ ତଥା ଅବହେଳିତ ପ୍ରକାରକୁ ନେଇ ବିଶ୍ଳେଷଣ କରାଯାଇଛି ।

ଋଣ ବିତରଣର ସଂଖ୍ୟା (ଟଙ୍କା ଲକ୍ଷରେ)





ବିତରଣର ପରିମାଣ (ଟଙ୍କା କୋଟିରେ)





- ସମଗ୍ର ଦେଶରେ ଲକ୍‌ଡାଉନ ପରିସ୍ଥିତି କାରଣରୁ ମାର୍ଚ୍ଚ ୨୦୨୦ରୁ ମାଇକ୍ରୋଫାଇନାନ୍ସ ଉଦ୍ୟୋଗରେ ଶିଥିଳତା ପରିଲକ୍ଷିତ ହୋଇଥିଲା । ପରିମାଣ ଏବଂ ମୂଲ୍ୟ ଆକାରରେ ଋଣ ଉତ୍ସ ଚୁକ୍ତିବନ୍ଧ ଅକ୍ଟୋବର ୨୦୧୯ରୁ ସେପ୍ଟେମ୍ବର ୨୦୨୦ ସମୟ ମଧ୍ୟରେ ଯଥାକ୍ରମେ ୨୮ ପ୍ରତିଶତ ଏବଂ ୨୪ ପ୍ରତିଶତ ରହିଥିବା ବେଳେ ସମାନ୍ତରାଳ ଭାବରେ ଅକ୍ଟୋର ୨୦୧୮ରୁ ସେପ୍ଟେମ୍ବର ୨୦୧୯ ମଧ୍ୟରେ ଏହା ସେହିପରି ରହିଛି । ତଥାପି ସେ ଯାହା ହେଉ ମାଇକ୍ରୋଫାଇନାନ୍ସ ଉଦ୍ୟୋଗର ଏହି ଧାରା ଗତିଶୀଳ ଅବସ୍ଥାକୁ ପୁନର୍ବାର ଫେରି ଆସି ପରିମାଣ ଏବଂ ମୂଲ୍ୟ ଆକାରରେ ଏହା ଅକ୍ଟୋବର ୨୦୨୦ରୁ ସେପ୍ଟେମ୍ବର ୨୦୨୧ ସମୟ ମଧ୍ୟରେ ଯଥାକ୍ରମେ ୩୫ ପ୍ରତିଶତ ଓ ୩୭ ପ୍ରତିଶତ ହାରରେ ବୃଦ୍ଧି ପାଇଛି ।
- ସବୁ ଋଣଦାତାଙ୍କ ମଧ୍ୟରୁ କୋଭିଡ୍ ମହାମାରୀ ପରିସ୍ଥିତି ସମୟରେ ଏନବିଏଫସି ସମୂହ ଅତି ଦୟନୀୟ ଭାବରେ ମାଡ଼ ଖାଇଥିଲେ ଏବଂ ଏହାର ଋଣ ବଣ୍ଟନ ସ୍ଥିତି ଅକ୍ଟୋବର ୨୦୧୮ରୁ ସେପ୍ଟେମ୍ବର ୨୦୧୯ ଏବଂ ପୁନର୍ବାର ଅକ୍ଟୋବର ୨୦୧୯ରୁ ସେପ୍ଟେମ୍ବର ୨୦୨୦ ମଧ୍ୟରେ ଋଣ ପରିମାଣ ଭିତିରେ ୪୦ ପ୍ରତିଶତ ତଥା ଋଣ ପରିମାଣ ମୂଲ୍ୟ ଭିତିରେ ୩୯ ପ୍ରତିଶତ ହ୍ରାସ ଘଟିଥିଲା ।

# ବର୍ଷ ପରେ ବର୍ଷ ବକେୟା ପୋର୍ଟଫୋଲିଓ ବୃଦ୍ଧି ଏବଂ ୯୦ରୁ ଅଧିକ ଅବହେଳିତ ଧାରା

ବର୍ଷ ପରେ ବର୍ଷ ବକେୟା ପୋର୍ଟଫୋଲିଓ (ଟଙ୍କା କୋଟିରେ)




ବର୍ଷ ପରେ ବର୍ଷ ୯୦ରୁ ଅଧିକ ଅବହେଳିତ ସ୍ଥିତି





- ଏନବିଏଫସି ସମୂହ ଏବଂ ଏମ୍ଏଫଆଇ ପାଇଁ ଲାଭଦାୟକ ନଥିବା ସମୂହକୁ ବାଦ ଦେଲେ, ଅନ୍ୟ ସମସ୍ତ ଋଣ ପ୍ରଦାନକାରୀ ବିଭାଗ ମାନଙ୍କ ଠାରେ ସେପ୍ଟେମ୍ବର ୨୦୧୯ରୁ ସେପ୍ଟେମ୍ବର ୨୦୨୧ ମଧ୍ୟରେ ସକାରାତ୍ମକ ବୃଦ୍ଧି ପରିଲକ୍ଷିତ ହୋଇପାରିଛି ।
- କେବଳ ସେପ୍ଟେମ୍ବର ୨୦୨୦ ଏବଂ ସେପ୍ଟେମ୍ବର ୨୦୨୧ରେ ଏନବିଏଫସି-ଏନଏଫଆଇ ସମୂହରେ ବର୍ଷ ପରେ ବର୍ଷ ବୃଦ୍ଧି ହାରରେ ସକାରାତ୍ମକ ଉନ୍ନତି ପରିଲକ୍ଷିତ ହୋଇଛି ।
- ସେପ୍ଟେମ୍ବର ୨୦୧୯ରେ ବ୍ୟାଙ୍କ ସମୂହ ୯୦ରୁ ଅଧିକ ଅବହେଳିତ ସ୍ଥିତିରେ ସର୍ବନିମ୍ନ ଥିବା ବେଳେ ସେପ୍ଟେମ୍ବର ୨୦୨୧ ବେଳକୁ ଏହା ସବୁ ଋଣ ପ୍ରଦାନକାରୀଙ୍କ ଠାରୁ ସର୍ବୋଚ୍ଚ ସ୍ତରରେ ରହିଛି ।
- ସେପ୍ଟେମ୍ବର ୨୦୧୯ ଠାରୁ ସେପ୍ଟେମ୍ବର ୨୦୨୦ ତୁଳନାରେ ସେପ୍ଟେମ୍ବର ୨୦୨୧ରେ ୯୦ରୁ ଅଧିକ ଅବହେଳିତ ସମସ୍ତ ଋଣ ପ୍ରଦାନକାରୀଙ୍କ ଠାରେ ବିଶେଷ ଭାବରେ ବୃଦ୍ଧି ଲାଭ କରିଛି ।

# ବର୍ଷ ପରେ ବର୍ଷରେ ୧୦ଟି ପ୍ରମୁଖ ରାଜ୍ୟର ବକେୟା ପୋର୍ଟଫୋଲିଓ ବୃଦ୍ଧିର ଚିତ୍ର

| ୧୦ଟି ପ୍ରମୁଖ ରାଜ୍ୟ | ସେପ୍ଟେମ୍ବର ୧୯ (ପିଓଏସ କୋଟି ଟଙ୍କାରେ) | ୨୦୧୯ର ସ୍ଥିତ | ସେପ୍ଟେମ୍ବର ୨୦ (ପିଓଏସ କୋଟି ଟଙ୍କାରେ) | ୨୦୨୦ର ସ୍ଥିତ | ସେପ୍ଟେମ୍ବର ୨୧ (ପିଓଏସ କୋଟି ଟଙ୍କାରେ) | ୨୦୨୧ର ସ୍ଥିତ |
|---|---|---|---|---|---|---|
| ତାମିଲନାଡୁ | ୨୯,୩୮୩ | ୧ | ୩୩,୭୦୮ | ୧ | ୨୯,୩୩୫ | ୧ |
| ପଶ୍ଚିମବଙ୍ଗ | ୨୮,୬୬୧ | ୨ | ୩୩,୫୬୦ | ୨ | ୨୭,୯୩୨ | ୨ |
| ବିହାର | ୨୦,୯୩୮ | ୩ | ୨୪,୮୩୮ | ୩ | ୨୬,୭୯୧ | ୩ |
| କର୍ଣ୍ଣାଟକ | ୧୭,୨୪୪ | ୪ | ୧୭,୯୮୨ | ୪ | ୧୯,୫୬୬ | ୪ |
| ମହାରାଷ୍ଟ୍ର | ୧୩,୭୪୨ | ୫ | ୧୬,୭୧୭ | ୫ | ୧୬,୨୭୬ | ୬ ↓ |
| ଆସାମ | ୧୨,୫୦୮ | ୬ | ୧୧,୮୦୫ | ୯ ↓ | ୭,୦୦୭ | ୧୦ ↓ |
| ଉତ୍ତରପ୍ରଦେଶ | ୧୨,୩୩୪ | ୭ | ୧୪,୩୯୭ | ୬ ↑ | ୧୭,୮୯୮ | ୫ |
| ଓଡ଼ିଶା | ୧୧,୨୧୩ | ୮ | ୧୨,୫୫୭ | ୮ | ୧୩,୮୮୨ | ୮ |
| ମଧ୍ୟପ୍ରଦେଶ | ୧୧,୨୧୩ | ୯ | ୧୨,୯୮୫ | ୭ ↑ | ୧୩,୯୨୦ | ୭ ↑ |
| କେରଳ | ୮,୦୪୨ | ୧୦ | ୯,୨୭୧ | ୧୦ | ୯,୩୦୨ | ୯ ↑ |

## ୧୦ଟି ପ୍ରମୁଖ ରାଜ୍ୟର ୯୦ରୁ ଅଧିକ ଅବହେଳିତ ଗତିବିଧି




- ତାମିଲନାଡୁ, ପଶ୍ଚିମବଙ୍ଗ, ବିହାର, କର୍ଣ୍ଣାଟକ ଏବଂ ଓଡ଼ିଶା ଭଳି ରାଜ୍ୟ ଏଭଳି ସ୍ଥିତିରେ ନିଜକୁ ସମ୍ଭାଳି ପାରିଛନ୍ତି ।
- ସେପ୍ଟେମ୍ବର ୨୦୧୯ର ଷଷ୍ଠ ସ୍ଥାନ ତଥା ସେପ୍ଟେମ୍ବର ୨୦୨୧ର ଦଶମ ସ୍ଥାନର ଅବସ୍ଥାରେ ଆସାମ ରାଜ୍ୟ ସେପ୍ଟେମ୍ବର ୨୦୨୦ରେ ନବମ ସ୍ଥାନକୁ ଯାଇଛି ।
- ସେପ୍ଟେମ୍ବର ୨୦୧୯ରୁ ଯାଇ ସେପ୍ଟେମ୍ବର ୨୦୨୦ରେ ମଧ୍ୟପ୍ରଦେଶ ସପ୍ତମ ସ୍ଥାନରେ ଅବସ୍ଥାପିତ ହୋଇ ଅଧ୍ୟାବଧି ସେପ୍ଟେମ୍ବର ୨୦୨୧ ପର୍ଯ୍ୟନ୍ତ ସେହି ସ୍ଥାନ ବଜାୟ ରଖିପାରିଛି ।
- ସେପ୍ଟେମ୍ବର ୨୦୧୯ରୁ ସେପ୍ଟେମ୍ବର ୨୦୨୧ ମଧ୍ୟରେ ସମସ୍ତ ପ୍ରମୁଖ ରାଜ୍ୟରେ ୯୦ରୁ ଅଧିକ ଅବହେଳିତ ସ୍ଥିତିରେ ବୃଦ୍ଧି ଘଟିଛି ।

**ଟିପ୍ପଣୀ :** ସେପ୍ଟେମ୍ବର ୨୦୧୯ ବକେୟା ପୋର୍ଟଫୋଲିଓ ଆଧାରରେ ୧୦ଟି ପ୍ରମୁଖ ରାଜ୍ୟର ଚୟନ
ସେପ୍ଟେମ୍ବର ୨୦୧୯ ତୁଳନାରେ ସେପ୍ଟେମ୍ବର ୨୦୨୦ ଏବଂ ସେପ୍ଟେମ୍ବର ୨୦୨୧ର ୯୦+ ଅବହେଳିତ ସ୍ଥିତି
ଯଦି ସେପ୍ଟେମ୍ବର ୨୦୧୯ ୯୦+ ଅବହେଳିତ ଅଧିକତର ହୋଇଥାଏ ତେବେ ରାଜ୍ୟ ଗୁଡ଼ିକୁ ଲାଲ ରଙ୍ଗ ଦିଆଯିବ ନହେଲେ ସବୁଜ ରଙ୍ଗ ଦିଆଯିବ

## ସିଡ଼୍‌ବି ସମ୍ପର୍କରେ :

୧୯୯୦ ମସିହାରେ ସଂସଦର ଏକ ଅଧିନିୟମ ଅନୁଯାୟୀ ଭାରତୀୟ କ୍ଷୁଦ୍ର ଶିଳ୍ପ ବିକାଶ ବ୍ୟାଙ୍କ (ସିଡ଼ବି)ର ପ୍ରତିଷ୍ଠା ହୋଇଛି । ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମଏସଏମଇ)ର ପ୍ରୋତ୍ସାହନ, ଆର୍ଥିକ ତଥା ବିକାଶ ଭଳି ତିନୋଟି ପ୍ରମୁଖ ବିଷୟବସ୍ତୁକୁ କାର୍ଯ୍ୟକାରୀ କରିବା ପାଇଁ ତଥା ସମାନ କାର୍ଯ୍ୟକଳାପରେ ନିୟୋଜିତ ବିଭିନ୍ନ ଅନୁଷ୍ଠାନର କାର୍ଯ୍ୟଗୁଡ଼ିକର ସମନ୍ୱୟ ପାଇଁ ସିଡ଼ବିକୁ ମୁଖ୍ୟ ଆର୍ଥିକ ପ୍ରତିଷ୍ଠାନ ଭାବରେ କାର୍ଯ୍ୟ କରିବାକୁ ନ୍ୟସ୍ତ କରାଯାଇଛି । ବର୍ଷ ବର୍ଷ ଧରି ଏହାର ବିଭିନ୍ନ ଆର୍ଥିକ ଏବଂ ବିକାଶମୂଳକ ପଦକ୍ଷେପ ମାଧ୍ୟମରେ ବ୍ୟାଙ୍କ ସମାଜର ବିଭିନ୍ନ ସ୍ତରରେ ରହିଥିବା ଲୋକଙ୍କ ଜୀବନକୁ ଛୁଇଁ ପାରିଛି, ସମଗ୍ର ଏମଏସଏମଇ ବୈଚିତ୍ରତା ଉପରେ ଉଦ୍ୟୋଗ ଗୁଡ଼ିକୁ ପ୍ରଭାବିତ କରିଛି ଏବଂ ଏମଏସଏମଇ ଜୈବ ପରିବେଶରେ ଅନେକ ବିଶ୍ୱସନୀୟ ଅନୁଷ୍ଠାନ ସହିତ ଜଡ଼ିତ ଅଛି ।

ଭିଜନ୨.୦ ଅଧୀନରେ ଏମଏସଏମଇରେ ରହିଥିବା ବିଭିନ୍ନ କ୍ଷେତ୍ର ଯଥା – ଏମଏସଏମଇ ପଲ୍‌ସ, ଏମଏସଏମଇ ଏବଂ କ୍ରିସିଡ଼େକ୍ସରେ ରହିଥିବା ସ୍ୱାସ୍ଥ୍ୟ ସମ୍ବନ୍ଧିତ ସ୍ତର, ଅଣୁ କ୍ଷୁଦ୍ର ଶିଳ୍ପ (ଏମଏସଇ)ର ଭାବନା ଓ ଆକାଂକ୍ଷାକୁ ମାପିବା ପାଇଁ, ଶିଳ୍ପ ଆଲୋକପାତ, ଶିଳ୍ପ କ୍ଷେତ୍ର ଏବଂ ଫିନ୍‌ଟେକ୍ ପଲ୍ସ ଉପରେ ଏକ ବିସ୍ତୃତ ରିପୋର୍ଟ ଉପସ୍ଥାପନ, ଫିନ୍‌ଟେକ୍ ସୁଧ ପ୍ରଦାନ ବିଷୟ ଉପରେ ଏକ ଉଦ୍ଧାରୀ ତଥ୍ୟ ପ୍ରଦାନ ତଥା ମାଇକ୍ରୋଫାଇନ୍‌ସ ପଲ୍‌ସ ଠାରୁ ଅଲଗା ଥିବା ଇତ୍ୟାଦି କ୍ଷେତ୍ରରେ ସିଡ଼୍‌ବି ବିଭିନ୍ନ ପ୍ରକାର ପଦକ୍ଷେପର ନେତୃତ୍ୱ ନେଇ ଏହାର ଅସଙ୍ଗତ ସୂଚନା ଉପରେ ନିଜର ମତପୋଷଣ କରିପାରିଛି ।

## ମାଇକ୍ରୋଫାଇନାନ୍ସ କ୍ଷେତ୍ରରେ ସିଡ଼୍‌ବି :

ମାଇକ୍ରୋଫାଇନାନ୍ସ ଆନ୍ଦୋଳନକୁ ସମର୍ଥନ କରି ଅନ୍ତର୍ଭୁକ୍ତ ଆର୍ଥିକ ଏଜେଣ୍ଡାକୁ ଆଗେଇ ନେବାରେ ସିଡ଼୍‌ବି ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ବ୍ୟାଙ୍କର ମାଇକ୍ରୋଫାଇନାନ୍ସ ପଦକ୍ଷେପ ଅନ୍ତର୍ଗତ ମାର୍ଚ୍ଚ ୩୧, ୨୦୨୧ ପର୍ଯ୍ୟନ୍ତ ୨୦,୫୬୮ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିବା ବେଳେ ଏଥିରେ ପ୍ରାୟ ୪ କୋଟି ସଂସ୍ଥା ଉପକୃତ ହୋଇଛନ୍ତି । ମାଇକ୍ରୋଫାଇନାନ୍ସ ଉଦ୍ୟୋଗ ଗୁଡ଼ିକୁ ଋଣ ଏବଂ ଇକ୍ୟୁଟି ସହାୟତା ତଥା ଏହି ଅନୁଷ୍ଠାନଗୁଡ଼ିକର ଦକ୍ଷତା ବୃଦ୍ଧି ଏବଂ କର୍ପୋରେଟ୍ ଶାସନ ସଂସ୍କୃତିକୁ ମୂଲ୍ୟାଙ୍କନ ଅନୁକରଣ ପୂର୍ବକ ଏହାର ଉପକରଣ ଗୁଡ଼ିକୁ ଭଲ ଭାବରେ ପୂର୍ଣ୍ଣ ସମର୍ଥନ ପ୍ରଦାନ କରିଛି । ମାଇକ୍ରୋଫାଇନାନ୍ସ ଉଦ୍ୟୋଗର ଦୁର୍ବଳ ଆରମ୍ଭରୁ ଏକ ପୂର୍ଣ୍ଣ ଶିଳ୍ପ ବିଭାଗ ପର୍ଯ୍ୟନ୍ତ ହସ୍ତାନ୍ତର କରିବା ବ୍ୟତୀତ, ଆମର ଅନ୍ୟ ୮ଟି ଅଂଶୀଦାର ଅଣୁଅର୍ଥ ଶିଳ୍ପକୁ ଏସଏଫବି ସମୂହ / ୟୁନିଭର୍ସାଲ ବ୍ୟାଙ୍କରେ ପରିଣତ କରିବାରେ ରହିଥିବା ଗତିପଥକୁ ଆହୁରି ସୁଗମ କରିପାରିଛି । ମାଇକ୍ରୋ ଋଣ ପ୍ରଦାନରେ ଆଉ ଏକ ପଥ ଅତିକ୍ରମ କରି ସିଡ଼୍‌ବି ଗ୍ରହଣ କରିଥିବା (ସହଭାଗୀତା ବ୍ୟବସ୍ଥା ମାଧ୍ୟମରେ) ସ୍ୱାଗତଯୋଗ୍ୟ ପଦକ୍ଷେପ ମଧ୍ୟରେ ରହିଛି, ବଜାର ମୂଲ୍ୟଠାରୁ ଯଥେଷ୍ଟ କମ୍ ସୁଧ ହାରରେ ପ୍ରତ୍ୟକ୍ଷ ଭାବରେ ଛୋଟ ଋଣ ପ୍ରଦାନର ବ୍ୟବସ୍ଥା । "ପ୍ରୟାସ" ନାମକ ଏହି ପଦକ୍ଷେପ ଅନୁଯାୟୀ, ବ୍ୟାଙ୍କ ଭାଗିଦାରୀ ମଡ଼େଲ ଅନ୍ତର୍ଗତ ବଜାର ସୁଧ ଦର ତୁଳନାରେ କମ୍ ସୁଧ ହାରରେ ରହିଥିବା ପିରାମିଡ୍‌ର ତଳ ଭାଗ ଯଥା ଅଣୁ ଋଣ ଗ୍ରହୀତାଙ୍କ ସୁବିଧା ପାଇଁ ୦.୫୦ ଲକ୍ଷରୁ ୫ଲକ୍ଷ ପର୍ଯ୍ୟନ୍ତ ଟିକେଟ ଆକାରର ଋଣ ପ୍ରଦାନ କରୁଛି ।

## ଇକ୍ୟୁଫ୍ୟାକ୍ସ ସମ୍ପର୍କରେ :

ଇକ୍ୟୁଫ୍ୟାକ୍ସ ହେଉଛି ଏକ ବିଶ୍ୱସ୍ତରୀୟ ସୂଚନା ସମାଧାନକାରୀ କମ୍ପାନୀ ଯାହାକି ଅଦ୍ୱିତୀୟ ବିଶ୍ୱସ୍ଥ ତଥ୍ୟ, ଅଭିନବ ବିଶ୍ଳେଷକ, ବୈଷୟିକ ଏବଂ ଶିଳ୍ପ ଜ୍ଞାନ କୌଶଳର ବ୍ୟବହାର କରି ବିଶ୍ୱସ୍ତରୀୟ ଶକ୍ତି ସଂଗଠନ ତଥା ବ୍ୟକ୍ତି ବିଶେଷଙ୍କୁ, ଜ୍ଞାନର ଅନ୍ତର୍ନିହିତ ଭାବକୁ ବିକଶିତ କରିବା ସହିତ ଅଧିକ ସୂଚନାପ୍ରାପ୍ତ ବ୍ୟବସାୟ ଏବଂ ବ୍ୟକ୍ତିଗତ ନିଷ୍ପତି ନେବାରେ ସାହାଯ୍ୟ କରିବା ସହିତ ଦକ୍ଷ ନିପୁଣ ଗଢ଼ି ତୋଳିଥାଏ ।

ଆଟଲାଣ୍ଟା, ଜିଏ., ରେ ମୁଖ୍ୟାଳୟ ସ୍ଥାପିତ ସହିତ ଇକ୍ୟୁଫ୍ୟାକ୍ସ ଉତ୍ତର ଆମେରିକା, ମଧ୍ୟ ଏବଂ ଦକ୍ଷିଣ ଆମେରିକା, ୟୁରୋପ ଏବଂ ଏସିଆ ପ୍ରଶାନ୍ତ ମହାସାଗର ଭଳି ୨୪ଟି ଦେଶରେ କାର୍ଯ୍ୟ କରିବା ସହିତ ନିଜର ପୁଞ୍ଜି ବିନିଯୋଗ କରିଛି । ଏହା ଷ୍ଟାଣ୍ଡାର୍ଡ଼ ଆଣ୍ଡ ପୁଅର'ର (ଏସ ଆଣ୍ଡ ପି) ୫୦୦ ସୂଚକାଙ୍କର ଏକ ସଦସ୍ୟ ଏବଂ ଏହାର ସାଧାରଣ ଷ୍ଟକ୍ ବ୍ୟବସାୟ ନ୍ୟୁୟର୍କ ଷ୍ଟକ ଏକ୍ସଚେଞ୍ଜ (ଏନୱାଇଏସଇ)ରେ ଇଏଫଏକ୍ସ ପ୍ରତୀକ ଅନ୍ତର୍ଗତରେ ବ୍ୟବସାୟ କରିଥାଏ । ଇକ୍ୟୁଫ୍ୟାକ୍ସ ବିଶ୍ୱ ବ୍ୟାପୀ ୧୧ହଜାର କର୍ମଚାରୀଙ୍କୁ ନିଯୁକ୍ତ କରିଛି । ଋଣ ଶିଳ୍ପରେ ୧୨୦ ବର୍ଷରୁ ଅଧିକ ବିଶ୍ୱସ୍ତରୀୟ ଉତ୍ତରାଧିକାରୀ ସହିତ ୨୦୧୦ ମସିହାରେ ଇକ୍ୟୁଫ୍ୟାକ୍ସ ଭାରତୀୟ ବଜାରରେ ନିଜର ଉପସ୍ଥିତି ପ୍ରତିଷ୍ଠା କରିଥିଲା ଏବଂ ସିଆଇସି ଭାବରେ କାର୍ଯ୍ୟ କରିବା ପାଇଁ ଆରବିଆଇ ଦ୍ୱାରା ଲାଇସେନ୍ସ ପ୍ରାପ୍ତ ହୋଇଥିଲା । ଗତ ୯ବର୍ଷ ମଧ୍ୟରେ ବ୍ୟାଙ୍କ ସମୂହ, ଏନବିଏଫସି ସମୂହ, ମାଇକ୍ରୋଫାଇନାନ୍ସ ଉଦ୍ୟୋଗ ଏବଂ ବୀମାକାରୀଙ୍କ ସମେତ କ୍ରେଡ଼ିଟ୍ ବ୍ୟୁରୋ ୪ହଜାର ରୁ ଅଧିକ ସଦସ୍ୟ ବୃଦ୍ଧି କରିପାରିଛି । ଏହି ସଦସ୍ୟମାନେ ଲକ୍ଷ ଲକ୍ଷ ଭାରତୀୟ ଗ୍ରାହକଙ୍କ ଉପରେ ଜନସଂଖ୍ୟା ଏବଂ ପରିଶୋଧ ଉପରେ ସେମାନଙ୍କର ନିଜସ୍ୱ ତଥ୍ୟ ପ୍ରଦାନ କରିଛନ୍ତି । ୨୦୧୪ ମସିହାରେ ଇକ୍ୟୁଫ୍ୟାକ୍ସ ପୁନର୍ବାର ଏକ ବିଶ୍ଳେଷଣାତ୍ମକ ଫାର୍ମ ହାସଲ କରି ଭାରତରେ ଏହାର ପାଦଚିହ୍ନ ସ୍ଥାପନ ତଥା ବୃଦ୍ଧି କରାଇପାରିଛି । ଇକ୍ୟୁଫ୍ୟାକ୍ସ ଆନାଲିଟିକ୍ସ ପ୍ରା.ଲିଃ ହେଉଛି ଇକ୍ୟୁଫ୍ୟାକ୍ସର ସମ୍ପୂର୍ଣ୍ଣ ମାଲିକାନା ବିଶ୍ଳେଷଣାତ୍ମକ ସଂସ୍ଥା ଯାହା ଏକ ଅତୁଳନୀୟ ପାରମ୍ପରିକ ବିଶ୍ଳେଷଣାତ୍ମକ ସମାଧାନ ପ୍ରଦାନ କରିଥାଏ ଯାହା ଉଭୟ ବ୍ୟବସାୟର କାର୍ଯ୍ୟଦକ୍ଷତା ଏବଂ ଗ୍ରାହକଙ୍କ ଜୀବନକୁ ସମୃଦ୍ଧ କରିଥାଏ ।

### ସ୍ୱତ୍ୱର ପ୍ରତ୍ୟାଖ୍ୟାନ :

ମାଇକ୍ରୋଫାଇନାନ୍ସ ପଲ୍‌ସ (ରିପୋର୍ଟ) ଇକ୍ୟୁଫ୍ୟାକ୍ସ କ୍ରେଡ଼ିଟ୍  ଇନଫରମେସନ ସର୍ଭିସେସ୍ ପ୍ରା.ଲିଃ (ଇକ୍ୟୁଫ୍ୟାକ୍ସ) ଦ୍ୱାରା ପ୍ରସ୍ତୁତ । ରିପୋର୍ଟ ଭିତରକୁ ଯାଇ ଏବଂ ବ୍ୟବହାର କରି ଉପଭୋକ୍ତା ଏହାକୁ ସ୍ୱିକୋରୋକ୍ତି ଏବଂ ଗ୍ରହଣ କରିବେ ଯେ, ଏହିପରି ବ୍ୟବହାର ଏହି ପ୍ରତ୍ୟାଖ୍ୟାନ ଅଧିନରେ ଅଛି ।

ସେପ୍ଟେମ୍ବର ୨୦୨୦ ସୁଦ୍ଧା ମାଇକ୍ରୋଫାଇନାନ୍ସ ଉଦ୍ୟୋଗ ଗୁଡ଼ିକ ଦ୍ୱାରା ପ୍ରଦାନ କରାଯାଇଥିବା ଏବଂ ଇକ୍ୟୁଫ୍ୟାକ୍ସ ରିପୋର୍ଟ ପ୍ରସ୍ତୁତ କରିବାରେ ଇକ୍ୟୁଫ୍ୟାକ୍ସ ଯୁକ୍ତିଯୁକ୍ତ ଯତ୍ନ ନେଉଥିବା ବେଳେ ଅଣୁଅର୍ଥ ସଂସ୍ଥା ଦ୍ୱାରା ଦାଖଲ ହୋଇଥିବା ଭୁଲ କିମ୍ବା ଅନୁପଯୁକ୍ତ ତଥ୍ୟ ହେତୁ ଦେଖାଦେଉଥିବା ଜଟିଳତା, ତ୍ରୁଟି ଏବଂ/ କିମ୍ବା ତ୍ରୁଟି ପାଇଁ ଏହା ଦାୟୀ ରହିବ ନାହିଁ । ଅଧିକନ୍ତୁ ଇକ୍ୟୁଫ୍ୟାକ୍ସ ରିପୋର୍ଟରେ ଥିବା ତଥ୍ୟର ପର୍ଯ୍ୟାପ୍ତତା କିମ୍ବା ସମ୍ପୂର୍ଣ୍ଣତା ଏବଂ / କିମ୍ବା କୌଣସି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ଏହାର ଉପଯୁକ୍ତତା ଗ୍ୟାରେଣ୍ଟି ଦିଏ ନାହିଁ କିମ୍ବା ରିପୋର୍ଟ ଉପରେ କୌଣସି ପ୍ରବେଶ କିମ୍ବା ନିର୍ଭରଶୀଳତା ପାଇଁ ଇକ୍ୟୁଫ୍ୟାକ୍ସ ଦାୟୀ ନୁହେଁ ଏବଂ ଏହିପରି ସମସ୍ତ ଦାୟିତ୍ୱ ପ୍ରଦାନକୁ ଇକ୍ୟୁଫ୍ୟାକ୍ସ ସ୍ପଷ୍ଟ ଭାବରେ ପ୍ରତ୍ୟାଖ୍ୟାନ କରେ । ଏହି ରିପୋର୍ଟ ପ୍ରତ୍ୟାଖ୍ୟାନ / ଅଗ୍ରାହ୍ୟ କିମ୍ବା କୌଣସି ପ୍ରୟୋଗ, ଉତ୍ପାଦ କିମ୍ବା ଇକ୍ୟୁଫ୍ୟାକ୍ସ ଦ୍ୱାରା କୌଣସି ସୁପାରିଶ ନୁହେଁ ତାହା ସେହି ଜିନିଷ ପାଇଁ ଯାହା ମଧ୍ୟରେ ରହିଛି, ୧- ଋଣ ଦେବା କିମ୍ବା ଋଣ ନଦେବା ଏବଂ ୨- ସମ୍ପୃକ୍ତ ବ୍ୟକ୍ତିଙ୍କ ସହିତ କୌଣସି ଆର୍ଥିକ କାରବାରରେ ପ୍ରବେଶ କିମ୍ବା ପ୍ରବେଶ ନ କରିବା ପାଇଁ । ସଂସ୍ଥା ରିପୋର୍ଟରେ ଥିବା ସୂଚନା ପରାମର୍ଶ ଗଠନ କରେ ନାହିଁ ଏବଂ ଉପଭୋକ୍ତା ସମସ୍ତ ଆବଶ୍ୟକୀୟ ବିଶ୍ଳେଷଣ କରିବା ଉଚିତ ଯାହା ଏହି ରିପୋର୍ଟରେ ଥିବା ସୂଚନା ଉପରେ ଆଧାର କରି କୌଣସି ନିଷ୍ପତି ନେବା ପୂର୍ବରୁ ତାଙ୍କ ମତରେ ଚତୁର ଅଟେ । ରିପୋର୍ଟର ବ୍ୟବହାର କ୍ରେଡ଼ିଟ୍ ସୂଚନା କମ୍ପାନୀ (ନିୟମାବଳୀ) ଅଧିନିୟମ ୨୦୦୫, କ୍ରେଡ଼ିଟ୍ ସୂଚନା କମ୍ପାନୀ ୨୦୦୬, କ୍ରେଡ଼ିଟ୍ ସୂଚନା ନିୟମାବଳୀ ଧାରା ୨୦୦୬ ଦ୍ୱାରା ପରିଚାଳିତ । ରିପୋର୍ଟର କୌଣସି ଅଂଶର ନକଲ, ପ୍ରସାରିତ ଏବଂ ପ୍ରକାଶନ ପୂର୍ବ ଅନୁମୋଦନ ବିନା ହୋଇପାରିବ ନାହିଁ ।

## ଯୋଗାଯୋଗର ସମ୍ପୂର୍ଣ୍ଣ ବିବରଣୀ :


ଇକ୍ୟୁଫ୍ୟାକ୍ସ କ୍ରେଡ଼ିଟ୍ ଇନଫରମେସନ୍ ସର୍ଭିସେସ୍ ପ୍ରା.ଲିଃ

ଉନ୍ନିତ ନଂ. ୯୩୧, ତୃତୀୟ ମହଲା, ବିଲଡ଼ିଂ ନଂ.-୯,
ସଲିଟେୟାର କର୍ପୋରେଟ୍ ପାର୍କ, ଅନ୍ଧେରୀ ଘଟକୋପର, ଲିଙ୍କରୋଡ଼,
ଅନ୍ଧେରୀ (ପୂର୍ବ), ମୁମ୍ବାଇ – ୪୦୦୦୯୩

ନିଃଶୁଳ୍କ ନଂ.- ୧୮୦୦୨୦୯୩୨୪୭
ecissupport@equifax.com

ଭାରତୀୟ ଲଘୁ ଉଦ୍ୟୋଗ ବିକାଶ ବ୍ୟାଙ୍କ

ସ୍ୱାବଲମ୍ବନ ଭବନ, ପ୍ଲଟ ନଂ. ସି-୧୧, 'ଜି' ବ୍ଲକ୍,
ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ, ବାନ୍ଦ୍ରା (ପୂର୍ବ),
ମୁମ୍ବାଇ – ୪୦୦୦୫୧, ମହାରାଷ୍ଟ୍ର

ନିଃଶୁଳ୍କ ନଂ.-୧୮୦୦୨୨୬୭୫୩
www.sidbi.in/en


Copyright © 2022, Equifax Inc., Atlanta, Georgia. All rights reserved. Equifax is a registered trademarks of Equifax Inc.